


# ସାଲେପୁର ମହାବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଓ ସମ୍ବର୍ଦ୍ଧନା ସଭା



ସାଲେପୁର, ୧୭।୨ (ଇମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସମାବର୍ତ୍ତନ ଉତ୍ସବ ଓ ଟପର୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଶିକ୍ଷାବିତ୍ ମନୋରଞ୍ଜନ ଦାଶ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଗୀତା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲା ବେଳେ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍ସେଲର୍ ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ଅଧ୍ୟବସାୟ, ନିଷ୍ଠା ଓ ସାଧନା ରଖିଲେ ପ୍ରତ୍ୟେକ ଛାତ୍ରଛାତ୍ରୀ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି କହିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ସାଲେପୁର ମହାବିଦ୍ୟାଳୟର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ଡକ୍ଟର ବୈଜୟନ୍ତୀ ନାୟକ, ଅଧ୍ୟାପିକା ସୁଚିସ୍ମିତା ଦାଶ, ଅଧ୍ୟାପକ ତୁଷାର କୁମାର ମହାନ୍ତି, ପରୀକ୍ଷା ଉପନିୟନ୍ତ୍ରକ ପ୍ରାଧ୍ୟାପକ କରୁଣାକର ମୁଦୁଲି, ଡକ୍ଟର ସୁଶାନ୍ତ କୁମାର ପାଢ଼ୀ, ଅୟସକାନ୍ତ ଷଡ଼ଙ୍ଗୀ, ହରପ୍ରିୟା ସିଂହ, ତାପସ ମହାନ୍ତି, ଅନିଲ ଦାସ, ଶିଶିର କୁମାର ଦାସ, ସ୍ୱାତୀ ପଣ୍ଡା, ଜୟନ୍ତୀବାଳା ପରିଜା, ଜୟବର୍ଦ୍ଧନ ଜେନା, ପ୍ରଦୋଷ କୁମାର ମହାନ୍ତି, ସଞ୍ଜୟ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଅର୍ଥନୀତି ସମ୍ମାନରେ ସୃଷ୍ଟିଶିଖା ମହାନ୍ତି, ଶିକ୍ଷାରେ ନାହିଦ୍ ଅଖ୍ତର୍, ଇଂରାଜୀରେ ଆସ୍ଥା ଆୟୁଷ ମଲ୍ଲ ଓ ପାର୍ଥସାରଥି ଦାଶ, ଇତିହାସରେ ମାନସୀ ଜେନା, ଗୃହ ବିଜ୍ଞାନରେ ସାୟେଦ ଆଫିଆ ରସିଦ୍, ଓଡ଼ିଆରେ ମମତା ବାରିକ, ଦର୍ଶନ ଶାସ୍ତ୍ରରେ ମୁକ୍ତି ଭୋଇ, ରାଜନୀତି ବିଜ୍ଞାନରେ ଦିବ୍ୟାଦର୍ଶିନୀ ପୃଷ୍ଟି, ସଂସ୍କୃତରେ ସସ୍ମିତା ଦାଶ, ବନବାସିନୀ ସାହୁ, ଜ୍ୟୋତିର୍ମୟୀ ଦାଶ, ସମାଜ ବିଜ୍ଞାନରେ ରହେଲା ଯସ୍ମିନ୍, ଉଦ୍ଭିଦ ବିଜ୍ଞାନ ସମ୍ମାନରେ ସିଦ୍ଧେଶ ଶତପଥୀ, ରସାୟନ ବିଜ୍ଞାନରେ ରାକେଶ କୁମାର ପ୍ରଧାନ, ସୁଧାଂଶୁଶେଖର ଶତପଥୀ, ଗଣିତରେ ବିଶ୍ୱପ୍ରକାଶ ସାହୁ, ପଦାର୍ଥ ବିଜ୍ଞାନରେ ଶୁଭେନ୍ଦୁ କୁମାର ଦାସ, ପରିସଂଖ୍ୟାନ ବିଜ୍ଞାନରେ ସୂର୍ଯ୍ୟଶାନ୍ତ ପରିଡ଼ା, ପ୍ରାଣୀ ବିଜ୍ଞାନରେ ପୁଣ୍ୟଶ୍ଳୋକ ସେନାପତି, ବାଣିଜ୍ୟ ବିଭାଗରେ ଜୟଶ୍ରୀ ସାମଲ ପ୍ରମୁଖ ଟପର୍ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଅତିଥିମାନେ ସମ୍ମାନିତ କରିଥିଲେ। ସେହିପରି ମହାବିଦ୍ୟାଳୟ ଗଣିତ ବିଭାଗ ସମ୍ମାନ ଛାତ୍ର ବିଶ୍ୱପ୍ରକାଶ ସାହୁଙ୍କୁ ବେଷ୍ଟ ଗ୍ରାଜୁଏଟ୍-୨୦୨୨ ଭାବେ ମାନପତ୍ର ଓ ମେଡାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଡକ୍ଟର ସ୍ୱାତୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

CUTTACK Edition
Page No 22 February 18, 2023